# କେନ୍ଦୁଝର : ରାଜ୍ୟର ପ୍ରଥମ ମିଲେଟ୍ କାଫେ ଉଦ୍‌ଘାଟିତ

କେନ୍ଦୁଝର, ତା ୨୯.୧୦. କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟର ପ୍ରଥମ "ମିଲେଟ୍ ଶକ୍ତି କାଫେ" ଚଳିତ ଅକ୍ଟୋବର ୨୯ ତାରିଖ ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ମୁଖ୍ୟ ଅତିଥି ଭାବେ ଓଡିଶାର ମାନ୍ୟବର ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ଯୋଗ ଦେଇ "ମିଲେଟ୍ ଶକ୍ତି କାଫେ" କୁ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍.କାର୍ତିକେୟନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ଓଡିଶା ରାଜ୍ୟ ମିଲେଟ୍ ମିଶନ, ମିଶନ ଶକ୍ତି ଏବଂ ଜିଲ୍ଲା ପ୍ରଶାସନର ଏହା ଏକ ଅଭିନନ୍ଦନୀୟ ଏବଂ ପ୍ରଶଂସନୀୟ ପଦକ୍ଷେପ । ମୁଖ୍ୟତଃ ରାଜ୍ୟରେ ପ୍ରତ୍ୟେକ ବୟସର ପୁଷ୍ଟି ସ୍ଥିତିରେ ଉନ୍ନତି ଆଣିବା, ମାଣ୍ଡିଆକୁ ଖାଦ୍ୟ ଭାବେ ବ୍ୟବହାର କରିବାର ବହୁ ପୁରାତନ ପରମ୍ପରାର ପୁନରୁଦ୍ଧାର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରୋଜଗାର ଯୋଗାଇଦେବା କ୍ଷେତ୍ରରେ ଏହି କାର୍ଯ୍ୟକ୍ରମ ବେଶ୍ ଫଳପ୍ରଦ ହେବ । ଏ ଦିଗରେ ଜିଲ୍ଲାପାଳଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ଏକ ନୂତନ ମାଇଲ୍ ଖୁଂଟ ସ୍ଥାପନ କରିଛି । ଏଥିପାଇଁ ସେ ଜିଲ୍ଲା ପ୍ରଶାସନ, ମିଶନ ଶକ୍ତି ଓ ଓଡିଶା ମିଲେଟ୍ ମିଶନଙ୍କୁ ଧନ୍ୟବାଦ ଜଣାଇଥିଲେ । ଉଦ୍‌ବୋଧନ ଛଳରେ ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ ଯେ ମାଣ୍ଡିଆ ଆମର ଏକ ପାରମ୍ପାରିକ ଓଡିଆ ଖାଦ୍ୟ । ମାଣ୍ଡିଆର ପୁଷ୍ଟି ସାଧନ ଓ ଗୁଣବତା ସଂପର୍କରେ ସମସ୍ତେ ଜାଣନ୍ତି । ଆମ ରାଜ୍ୟର ମହିଳା ଓ ଶିଶୁମାନଙ୍କର ପୁଷ୍ଟିଗତ ସ୍ଥିତିରେ ଉନ୍ନତି ଆଣିବା ନିମନ୍ତେ ଏବେ ମାଣ୍ଡିଆକୁ ଏକ ବିକଳ୍ପ ଉପଯୋଗୀ ଖାଦ୍ୟ ଭାବେ ଗ୍ରହଣ କରାଯାଇଛି । ସେଥିପାଇଁ ନୂତନ ଶତାବ୍ଦୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନର୍ଦ୍ଦେଶକ୍ରମେ ଓଡିଶା ରାଜ୍ୟ ମିଲେଟ୍ ମିଶନ ଗଠନ କରାଯାଇଛି ଏବଂ ସେଥିରେ ରାଜ୍ୟର ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସଂପୃକ୍ତ କରି ରାଜ୍ୟରେ ମିଲେଟ୍‌ର ବ୍ୟବସାୟିକ ଉତ୍ପାଦନ ବୃଦ୍ଧି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀମତୀ ସାହୁ କହିଥିଲେ । ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ସୁଜାତା ଆର୍.କାର୍ତିକେୟନ ଉଦ୍‌ବୋଧନ ଦେଇ କହିଥିଲେ ଯେ "ଓଡିଶା ମିଲେଟ୍ ମିଶନ, ମିଶନ ଶକ୍ତି ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ଆନୁକୂଲ୍ୟରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟର ପ୍ରଥମ "ମିଲେଟ୍ ଶକ୍ତି କାଫେ" ସ୍ଥାପନ ହେବା ଏକ ଐତିହାସିକ ଘଟଣା ଏବଂ ସେଥିପାଇଁ ସେ ଅତ୍ୟନ୍ତ ଖୁସି ଅନୁଭବ କରୁଛନ୍ତି । ଜିଲ୍ଲାପଳ ଆଶିଷ ଠାକରେଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନର ଏ ପ୍ରକାର ସାଧୁ ଉଦ୍ୟମ ପାଇଁ ସେ ଧନ୍ୟବାଦ୍ ଜଣାଇଥିଲେ । ମାନ୍ୟବର ମୁଖ୍ୟମନ୍ତ୍ରୀ ମିଶନ ଶକ୍ତିକୁ ଆହୁରି ଶକ୍ତିଯୁକ୍ତ କରିବା ପାଇଁ ପଦକ୍ଷେପ ନେଇଛନ୍ତି । ଓଡିଶା ମିଲେଟ୍ ମିଶନ ମାଧ୍ୟମରେ ମିଶନ ଶକ୍ତିକୁ ସଂପୃକ୍ତ କରାଇ 'ମିଲେଟ୍ ଶକ୍ତି କାଫେ' ପରିଚାଳନା ଏକ ପ୍ରଶଂସନୀୟ ପଦକ୍ଷେପ । ପାରମ୍ପରିକ ମାଣ୍ଡିଆ ଚାଷ ଲୁପ୍ତ ପ୍ରାୟ ହେଉଥିବାବେଳେ ଏହାର ପୁର୍ନଉଦ୍ଧାର ସହିତ ମାଣ୍ଡିଆଜାତ ଖାଦ୍ୟ ଦ୍ରବ୍ୟ ପ୍ରସ୍ତୁତ ଏବଂ କାଫେ ପରିଚାଳନରେ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ସାମିଲ୍ କରିବା ଫଳରେ ଏହା ଆର୍ଥିକ ବିକାଶ ଦିଗରେ ନୂଆ ଦିଶା ଦେଖାଇବ । ମାଣ୍ଡିଆ ଜାତୀୟ ଖାଦ୍ୟ ଶସ୍ୟରେ ଅନ୍ୟ ଖାଦ୍ୟ ପଦାର୍ଥ ଠାରୁ ଢେର ଅଧିକ ମାତ୍ରାରେ

ପୃଷ୍ଟି ଥିବାରୁ ଏବଂ ରୋଗ ପ୍ରତିଷେଧକ ଗୁଣବତା ଥିବାରୁ ଜନସାଧାରଣଙ୍କ ଖାଦ୍ୟାଭ୍ୟାସରେ ଏହା ସାମିଲ୍ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ । ମିଲେଟ୍ ଶକ୍ତି କାଫେ ସ୍ଥାପନ କରି କେନ୍ଦୁଝରର ଜିଲ୍ଲା ପ୍ରଶାସନ ଯେଉଁ ପଦକ୍ଷେପ ନେଇଛି, ତାହା ଅନ୍ୟ ଜିଲ୍ଲାମାନେ ଅନୁକରଣ କରିବା ପାଇଁ କମିଶନର ତଥା ଶାସନ ସଚିବ ଶ୍ରୀମତୀ କାର୍ତିକେୟନ କହିଥିଲେ । ଏତଦ୍‌ବ୍ୟତୀତ ମିଲେଟ୍ ମିଶନ ଓ ମିଶନ ଶକ୍ତି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବାରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଜିଲ୍ଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଥିଲେ । ଜିଲ୍ଲାରେ ପ୍ରତି ଗ୍ରାମ ପଂଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ ସହ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବ୍ୟାଙ୍କ୍ ଋଣ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ ନିଜ ଅଭିଭାଷଣରେ "ମିଲେଟ୍ ଶକ୍ତି କାଫେ" ସ୍ଥାପନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସଂପର୍କରେ ଆଲୋକପାତ କରିଥିଲେ । ଭାଷଣ ପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ ୨୦୧୮ ମସିହା ମାର୍ଚ୍ଚ ମାସରେ କେନ୍ଦୁଝର ଜିଲ୍ଲାରେ ଓଡିଶା ମିଲେଟ୍ ମିଶନ କାର୍ଯ୍ୟକାରୀ ହେବା ପରେ ଏହାର କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ଏ ପର୍ଯ୍ୟନ୍ତ ପ୍ରାୟ ୪୦୦୦ ଚାଷୀଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ୍ କରାଯାଇ ପ୍ରାୟ ୧୮୭୬ ଏକର ଜମିରେ ମାଣ୍ଡିଆ ଚାଷ କରାଯାଉଛି । ଓଡିଶା ମିଲେଟ୍ ମିଶନ ଏବଂ ମିଶନ ଶକ୍ତି ତଥା ଡି.ଏମ୍.ଏଫ୍. ସହଯୋଗରେ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଉଛି । ୨୦୨୦ ମସିହା ଜୁଲାଇ ଦୁଇ ତାରିଖରୁ ଜିଲ୍ଲାର ସମସ୍ତ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କୁ ଅତିରିକ୍ତ ଭାବେ ମାଣ୍ଡିଆ ଲଡୁ ପ୍ରଦାନ କରାଯାଉଛି । ଏପରିକି ମହାମାରୀ କରୋନା ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କ ଘରକୁ ମାଣ୍ଡିଆ ମିକ୍ସ ଯୋଗାଇ ଦିଆ ଯାଉଛି । ମିଲେଟ୍ ଶକ୍ତି କାଫେ ସ୍ଥାପନ ମାଧ୍ୟମରେ ଜନସାଧାରଣଙ୍କୁ ମାଣ୍ଡିଆଜାତ ଖାଦ୍ୟ ଶସ୍ୟ ଅଭ୍ୟାସ ଉପରେ ସଚେତନତା ସୃଷ୍ଟି ପାଇଁ ପଦକ୍ଷେପ ନିଆଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ଠାକରେ କହିଥିଲେ । ଏ ଦିଗରେ ସକ୍ରିୟ ସହଯୋଗ ଓ ମାର୍ଗଦର୍ଶନ ନିମନ୍ତେ ମାନ୍ୟବର ମନ୍ତ୍ରୀ ଏବଂ କମିଶନର ତଥା ଶାସନ ସଚିବଙ୍କୁ ଜିଲ୍ଲାପାଳ କୃତଜ୍ଞତା ଜଣାଇଥିଲେ । ଏହି ଅବସରରେ ମାନ୍ୟବର ମନ୍ତ୍ରୀ ଏବଂ କମିଶନର ତଥା ଶାସନ ସଚିବ କାଫେ ପରିଚାଳନାରେ ସଂପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସହ ବାର୍ତାଳାପ କରିଥିଲେ । ଏହି ଅବସରରେ ମାଣ୍ଡିଆ ଚାଷ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଚାରିଜଣ ଚାଷୀ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଜଣେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ, ମାଣ୍ଡିଆ ଜାତୀୟ ଖାଦ୍ୟଶସ୍ୟରୁ ବ୍ୟଞ୍ଜନ ପ୍ରସ୍ତୁତି କ୍ଷେତ୍ରରେ ଜଣେ ସେଫ୍‌ଙ୍କୁ ଏବଂ କରୋନା ମହାମାରୀ ସମୟରେ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ଘରକୁ ମାଣ୍ଡିଆ ମିକ୍ସ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଦୁଇ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଜିଲ୍ଲାପାଳ ଶ୍ରୀ ଠାକରେ ଏବଂ ଅତିରିକ୍ତ ଜିଲ୍ଲାପାଳ ସୁଷମା ବିଲୁଙ୍ଗ୍ ସମ୍ବର୍ଦ୍ଧିତ କରିଥିଲେ । ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ ସଂଜୀବ ବାରିକ ପ୍ରାରମ୍ଭରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହାପରେ ମିଲେଟ୍ ଶକ୍ତି କାଫେ ଏବଂ ମାଣ୍ଡିଆ ଜାତୀୟ ଖାଦ୍ୟ ଅଭ୍ୟାସ ସଂପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏକ ସଚେତନତା ରଥକୁ ଜିଲ୍ଲାପାଳ ଶୁଭାରମ୍ଭ କରିଥିଲେ । ଓଡିଶା ମିଲେଟ୍ ମିଶନ, ମିଶନ ଶକ୍ତି ଏବଂ ଡି.ଏମ୍.ଏଫ୍.ର କର୍ମକର୍ତା କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର